ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/SME(OD)/1317/19-02-2021

# ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସଶକ୍ତ କରିବା ଆମ ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର, ୧୯.୦୨.୨୦୨୧

ଗଣତନ୍ତ୍ରର ଆଧାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସଶକ୍ତ କରିବା ଆମ ସରକାରଙ୍କ ଲକ୍ଷ୍ୟ । ବିଭିନ୍ନ ସାମାଜିକ ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ, ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ଓ ଜୀବିକା ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନରେ ପଞ୍ଚାୟତିରାଜ ଅନୁଷ୍ଠାନ ବିଶେଷ କରି ଗ୍ରାମପଞ୍ଚାୟତଗୁଡ଼ିକ ମୁଖ୍ୟ ଭୂମିକା ନିର୍ବାହ କରିଥା'ନ୍ତି ।

କୋଭିଡ୍ ବିଶ୍ୱ ମହାମାରୀ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ସଂପର୍କିତ ନିୟମାବଳୀଗୁଡ଼ିକୁ ଗ୍ରାମପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ କରିବା ନିମନ୍ତେ ସରପଞ୍ଚମାନଙ୍କୁ ଜିଲ୍ଲାପାଳଙ୍କ କ୍ଷମତା ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଅସ୍ଥାୟୀ ଚିକିତ୍ସା ଶିବିର ସ୍ଥାପନ ଏବଂ କାର୍ଯ୍ୟକାରୀ କରିବା ନିମନ୍ତେ ଆମ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ । ଏହି ଅପ୍ରତ୍ୟାଶିତ ସଂକଟ ସମୟରେ ସରପଞ୍ଚମାନଙ୍କ ନେତୃତ୍ୱରେ ଗ୍ରାମପଞ୍ଚାୟତକୁ ଫେରିଥିବା ପ୍ରବାସୀମାନଙ୍କୁ ଅସ୍ଥାୟୀ ଚିକିତ୍ସା ଶିବିରରେ ଏବଂ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ଆନୁଷ୍ଠାନିକ/ଗୃହ ସଙ୍ଗରୋଧରେ ରଖିବା ବ୍ୟବସ୍ଥା କରିବା ବାସ୍ତବିକ୍ ଅଭିନନ୍ଦନୀୟ ।

ମନରେଗା ଯୋଜନା ମାଧ୍ୟମରେ ପ୍ରବାସୀ ଶ୍ରମିକଙ୍କ ସମେତ ଅନ୍ୟ ସମସ୍ତ ଇଚ୍ଛୁକ ଲୋକଙ୍କୁ କାମ ଯୋଗାଇଦେବାରେ ଗ୍ରାମପଞ୍ଚାୟତଗୁଡ଼ିକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ପଞ୍ଚାୟତିରାଜ ଅନୁଷ୍ଠାନର ସମସ୍ତ ପ୍ରତିନିଧି ଏବଂ ବିଶେଷ କରି ସରପଞ୍ଚ ଏବଂ ଅନ୍ୟ କ୍ଷେତ୍ର କର୍ମଚାରୀଙ୍କ ସମ୍ମିଳିତ ଉଦ୍ୟମ ଫଳରେ ମନରେଗା ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ମୋଟ ୧୮.୫୩ କୋଟି କାର୍ଯ୍ୟଦିବସ ସୃଷ୍ଟି କରିପାରିଛି । ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ୨୦ କୋଟି ଶ୍ରମଦିବସ ସୃଷ୍ଟି କରବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବହୁ ସଂଖ୍ୟକ ସ୍ଥାୟୀ ସଂପତ୍ତି ଏହି ଯୋଜନାରେ ସୃଷ୍ଟି କରାଯାଇପାରିଛି, ଯାହା ଗ୍ରାମାଞ୍ଚଳର ଲୋକଙ୍କ ଜୀବିକା ନିରାପତ୍ତା ଓ ଗ୍ରାମୀଣ ଭିତ୍ତିଭୂମିର ବିକାଶ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ । ମନରେଗା ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାରେ ଓ ଏହି ଘଡ଼ିସନ୍ଧି ସମୟରେ ଏହାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇଥିବାରୁ ସରପଞ୍ଚମାନଙ୍କ ଭୂମିକା ଅଭିନନ୍ଦନୀୟ ।

ଏଣୁ ୨୦୨୦-୨୧ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ଅଧିକ କାର୍ଯ୍ୟଦିବସ ଓ ସ୍ଥାବର ସଂପତ୍ତି ସୃଷ୍ଟି କରି ସଫଳତା ହାସଲ କରିଥିବା ଶ୍ରେଷ୍ଠ ଦଶଜଣ ସରପଞ୍ଚଙ୍କୁ ସମ୍ବର୍ଦ୍ଧନା ଦେବା ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି । ପୁନଶ୍ଚ ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରତ୍ୟେକ ଜିଲ୍ଲାରେ ମନରେଗା ଯୋଜନା ମାଧ୍ୟମରେ ବହୁସଂଖ୍ୟାରେ କାର୍ଯ୍ୟଦିବସ ଓ ସ୍ଥାବର ସଂପତ୍ତି ସୃଷ୍ଟି କରିବାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜଣେ ଲେଖାଏଁ ସରପଞ୍ଚଙ୍କୁ ସମ୍ବର୍ଦ୍ଧନା ଦେବା ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ